# NATIONAL NEWS BULLETIN (ODIA)

**4 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆୟୁର୍ବେଦ ଉପରେ ଅଧିକ ଗବେଷଣା ପାଇଁ ଆହ୍ୱାନ ଦେଲେ ରାଷ୍ଟ୍ରପତି
- ନୌସେନା ଦିବସ ପାଳନ ଅବସରରେ ପୁରୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଉଦ୍‌ଘାଟନ କରିବେ ରାଷ୍ଟ୍ରପତି
- ମହାରାଷ୍ଟ୍ର ନବନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକରେ ଦେବେନ୍ଦ୍ର ଫଡନବିସ୍ ବିଧାୟକ ଦଳ ନେତା ନିର୍ବାଚିତ
- ଏମ୍‌ଏସ୍‌ପି ପାଇଁ ଆଇନ ଆଣିବା ଦାବିରେ ରାଜ୍ୟସଭା କକ୍ଷ ତ୍ୟାଗ କଲେ ବିରୋଧୀ ସଦସ୍ୟ

ଏବଂ

- ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ୟୁନାଇଟେଡ୍ ଆରବ ଏମିରେଟସ୍ ଭାରତ ସମ୍ମୁଖରେ ଧାର୍ଯ୍ୟ କଲା ୧୩୮ ରନ୍‌ର ବିଜୟ ଲକ୍ଷ୍ୟ

## ପ୍ରେଜ୍-ଗୋପବନ୍ଧୁ ଆୟୁର୍ବେଦ କଲେଜ

ଆୟୁର୍ବେଦ ଉପରେ ଅଧିକ ଗବେଷଣା କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । ଆୟୁର୍ବେଦ ଦ୍ୱାରା ଅନେକ ପୁରୁଣା

ରୋଗ ଭଲ ହୋଇଥାଏ ଏବଂ ଏହା ଉପରେ ଦେଶର ବହୁ ଲୋକ ବିଶ୍ୱାସ କରନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଆଜି ଯୋଗଦେଇ ରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି ଲୋକଙ୍କୁ ସୁସ୍ଥ ରଖିବା ଲକ୍ଷ୍ୟରେ ଆୟୁଷ ମନ୍ତ୍ରଣାଳୟ ଆୟୁର୍ବେଦ ଏବଂ ଯୋଗ ସଂପର୍କରେ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ।

ସୂଚନାଯୋଗ୍ୟ ଓଡ଼ିଶାକୁ ୫ ଦିନିଆ ଗସ୍ତରେ ଆସିଥିବା ରାଷ୍ଟ୍ରପତି ମୁର୍ମୁ ଆଜି ସକାଳେ ପୁରୀ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କର ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ ।

## ନାଭି ଡେ

ନୌସେନା ଦିବସ ଆଜି ପାଳନ କରାଯାଉଛି । ଭାରତୀୟ ନୌସେନାର ସଫଳତା ଏବଂ ଭୂମିକାକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ୧୯୭୧ ମସିହା ଆଜିର ଦିନରେ ଅପରେସନ୍ ଟ୍ରାଇଡେଣ୍ଟ ସମୟରେ ଭାରତୀୟ ନୌସେନା ପି.ଏନ୍.ଏସ୍.- ଖାଇବର ସମେତ ୪ଟି ପାକିସ୍ତାନୀ ଜାହାଜକୁ ବୁଡ଼ାଇ ଦେଇଥିଲା । ଫଳରେ ବହୁ ପାକିସ୍ତାନୀ ନୌସୈନିକଙ୍କର ମୃତ୍ୟୁ ଘଟିଥିଲା ।

ପୁରୀରେ ଆଜି ଅପରାହ୍ନରେ ନୌସେନା ଦିବସ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ । ଜଳ, ସ୍ଥଳ ଏବଂ ଆକାଶପଥରେ ନୌସେନା ପକ୍ଷରୁ ଦୁଃସାହସିକ ସାମରିକ କୌଶଳ ପ୍ରଦର୍ଶନ କରାଯିବ । ଏଥିରେ ନୌସେନାର ୧୫ଟି ଯୁଦ୍ଧ ଜାହାଜ, ୪୦ଟି ଲଢୁଆ ବିମାନ ଏବଂ

୪ଟି ଯୁଦ୍ଧ ଟ୍ୟାଙ୍କ୍ ଅଂଶଗ୍ରହଣ କରୁଛନ୍ତି । ମାର୍କୋସ ବାହିନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ସମ୍ମୁଖରେ ପରେଡ୍ ପ୍ରଦର୍ଶନ କରାଯିବ । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବିକ୍ରମ ସମେତ ଅନ୍ୟାନ୍ୟ ଯୁଦ୍ଧ ଜାହାଜ ଏହି ସମାରୋହରେ ଅଂଶଗ୍ରହଣ କରୁଛନ୍ତି । ଏଥିପାଇଁ ପୁରୀ ଜିଲ୍ଲା ପ୍ରଶାସନ ଏବଂ ନୌସେନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏହି ଦିବସ ପାଳନ ଏବଂ ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ପୁରୀ ପୌରପାଳିକାର ସମସ୍ତ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଆଜି ଛୁଟି ଘୋଷଣା କରାଯାଇଛି ।

## ସଂସଦ

ଖାଦ୍ୟଶସ୍ୟ ସକାଶେ ସର୍ବନିମ୍ନ ସହାୟକ ମୂଲ୍ୟ-ଏମ୍ଏସ୍ପି ପାଇଁ ଆଇନ ଆଣିବା ଦାବିରେ ରାଜ୍ୟସଭାରେ ବିରୋଧୀ ଦଳ ପକ୍ଷରୁ ଆଜି କକ୍ଷତ୍ୟାଗ କରାଯାଇଛି । ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଏମ୍ଏସ୍ପି, ବାତ୍ୟା ଫେଙ୍ଗାଲ, ସମ୍ଭଲ ହିଂସା ଏବଂ ଏକ ପ୍ରମୁଖ ବ୍ୟବସାୟିକ ଗୋଷ୍ଠୀ ନାମରେ ଆସିଥିବା ଲାଞ୍ଚ ମାମଲା ଆଦି ପ୍ରସଙ୍ଗ ଉପରେ ବିରୋଧୀଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ନୋଟିସ୍କୁ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଫଳରେ କଂଗ୍ରେସ ଏବଂ ଆମ୍ ଆଦମୀ ପାର୍ଟିର ସଦସ୍ୟମାନେ ଏମ୍ଏସ୍ପି ପାଇଁ ଆଇନ ଆଣିବା ଦାବି କରି ସ୍ଲୋଗାନ ଦେଇଥିଲେ । ତେବେ ଗତ ସପ୍ତାହରେ କୃଷକଙ୍କ ପ୍ରସଙ୍ଗ ନେଇ କାହିଁକି ମୁଲତବୀ ନୋଟିସ୍ ଦିଆଯାଇନଥିଲା ଓ ଏବେ ସଂସଦର ମୂଲ୍ୟବାନ ସମୟକୁ ନଷ୍ଟ କରାଯାଉଥିବା ନେଇ ଅଧ୍ୟକ୍ଷ ପ୍ରଶ୍ନ ଉଠାଇବାରୁ ବିରୋଧୀ ନେତାମାନେ ତାଙ୍କ ମନ୍ତବ୍ୟକୁ ନେଇ ପ୍ରତିବାଦ କରିଥିଲେ । ଏମ୍ଏସ୍ପି ସଂକ୍ରାନ୍ତରେ

ଆଇନ୍ ଅଣାଯାଉ ନଥିବାରୁ କଂଗ୍ରେସ ସଦସ୍ୟ ପ୍ରମୋଦ ତିୱାରୀ ସରକାରଙ୍କୁ ସମାଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ତୁରନ୍ତ ଆଇନ ପ୍ରଣୟନ କରିବା ଲାଗି ଅଧ୍ୟକ୍ଷ ସରକାରଙ୍କୁ ପରାମର୍ଶ ଦିଅନ୍ତୁ ବୋଲି ସେ କହିଥିଲେ । ପରେ କଂଗ୍ରେସ, ଶରଦ ପାୱାରଙ୍କ ଏସ୍‌ସିପି, ଆମ୍ ଆଦ୍‌ମୀ ପାର୍ଟି, ଶିବସେନା-ୟୁବିଟି ସଦସ୍ୟମାନେ ପ୍ରତିବାଦ କରି ଉଚ୍ଚ ସଦନ ତ୍ୟାଗ କରିଥିଲେ ।

## ରେଳ ଦୁର୍ଘଟଣ

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ରେଳ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇଛି ବୋଲି ଲୋକସଭାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣ ଆଜି ଏକ ଲିଖିତ ଉତ୍ତର ଦେଇ କହିଛନ୍ତି । ରେଳଗାଡ଼ି ଲାଇନଚ୍ୟୁତ୍ ସମେତ ଦୁର୍ଘଟଣା ୨୦୧୪-୧୫ରେ ୧୩୫ ଥିବା ବେଳେ ତାହା ୨୦୨୩-୨୪ରେ ୪୦କୁ ଖସିଆସିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଚଳିତବର୍ଷ ଏପ୍ରିଲ୍‌ରୁ ନଭେମ୍ବର ମଧ୍ୟରେ ୨୯ଟି ଟ୍ରେନ୍ ଦୁର୍ଘଟଣା ଘଟିଛି ।

ଏହିସବୁ ଦୁର୍ଘଟଣା ଯନ୍ତ୍ରାଂଶରେ ଦେଖାଦେଇଥିବା ବିଫଳତା, ଟ୍ରେନ୍ କାର୍ଯ୍ୟ ଚାଲିଥିବା ବେଳେ ଭୁଲ୍ ବଶତଃ ନିର୍ଦ୍ଦେଶ, ପରିବେଶ ଜନିତ ଏବଂ ମାନବୀୟ ତ୍ରୁଟି ଯୋଗୁଁ ଘଟିଥିଲା ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ ପୁଣି କହିଛନ୍ତି ଏହିସବୁ ରେଳ ଦୁର୍ଘଟଣାରେ ୧୭ ଜଣଙ୍କର ଜୀବନ ଯାଇଥିବା ବେଳେ ୮୧ ଜଣ ଆହତ ହୋଇଛନ୍ତି । ଏଥିଲାଗି ମୃତକଙ୍କ ପରିବାରବର୍ଗ ଓ ଆହତ ବ୍ୟକ୍ତିଙ୍କୁ ରେଳବାଇ ପକ୍ଷରୁ ୨ କୋଟି ୮୯ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ସେ ପୁଣି କହିଛନ୍ତି

ଭାରତୀୟ ରେଲୱେରେ ନିରାପତ୍ତାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି ଏବଂ ଟ୍ରେନ୍ ଚଳାଚଳକୁ ସୁଗମ କରିବା ପାଇଁ ବହୁବିଧ ପଦକ୍ଷେପ ନିଆଯାଉଛି । ଇତିମଧ୍ୟରେ ୧ ହଜାର ୫୪୮ ରୁଟ୍ କିଲୋମିଟରରେ କବଚ ବ୍ୟବସ୍ଥା ଲାଗୁ କରାଯାଇଛି । ଦିଲ୍ଲୀ-ମୁମ୍ବାଇ ଓ ଦିଲ୍ଲୀ-ହାୱଡ଼ା କରିଡରର ୩ ହଜାର ରୁଟ୍ କିଲୋମିଟରରେ କବଚ ବ୍ୟବସ୍ଥାକୁ ଲାଗୁ କରାଇବା ଲାଗି କର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଏଲ୍‌ଏସ୍ ଗେଟ୍‌ସ

ପାର୍ଲାମେଣ୍ଟ ଫାଟକ ଆଗରେ ସଂସଦର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ ନ କରିବା ଲାଗି ଲୋକସଭା ସଚିବାଳୟ ପକ୍ଷରୁ ଅନୁରୋଧ କରାଯାଇଛି । ସଂସଦର ଅଧିବେଶନ ଚାଲିଥିବାରୁ ବିକ୍ଷୋଭ ପ୍ରଦର୍ଶନ ଦ୍ୱାରା ଏହା ସଦସ୍ୟମାନଙ୍କର ଯିବାଆସିବାରେ ଅସୁବିଧା ସୃଷ୍ଟି କରୁଛି । ଏନେଇ ଲୋକସଭା ବାଚସ୍ପତିଙ୍କ ପକ୍ଷରୁ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି । ସଦସ୍ୟମାନେ ସଂସଦ ମଧ୍ୟକୁ ମୁକ୍ତ ଭାବେ ଯିବାଆସିବା କରିବା ଲାଗି ଫାଟକ ସମ୍ମୁଖ ମୁକ୍ତ ରଖିବା ସୁରକ୍ଷା ଦୃଷ୍ଟିରୁ ଅପରିହାର୍ଯ୍ୟ ବୋଲି ଲୋକସଭା ସଚିବାଳୟ ପକ୍ଷରୁ କୁହାଯାଇଛି ।

## ମହା-ବିଜେପି ମିଟ୍

ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ଫଡନାବିସ୍ ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବା ଆପାତତଃ ସ୍ଥିର ହୋଇଛି । ସେ ଆସନ୍ତାକାଲି ମହାଯୁତି ତରଫରୁ ମୁଖ୍ୟମନ୍ତ୍ରୀ ଭାବେ ତୃତୀୟ ଥର ପାଇଁ ଶପଥ ନେବାର କାର୍ଯ୍ୟକ୍ରମ ରହିଛି । ମୁମ୍ବାଇଠାରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ

ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ମେଣ୍ଟର ବରିଷ୍ଠ ନେତାମାନେ ଉପସ୍ଥିତ ରହିବେ । ଆଜି ମୁମ୍ବାଇଠାରେ ଭାରତୀୟ ଜନତା ପାର୍ଟିର କୋର୍ କମିଟି ବୈଠକରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଉପସ୍ଥିତିରେ ଶ୍ରୀ ଫଡନବିସଙ୍କ ନାମ ବିଧାୟକ ଦଳ ନେତା ପାଇଁ ଚୟନ କରାଯାଇଛି ।

ସୂଚନାଯୋଗ୍ୟ ବିଧାୟକ ଦଳ ନେତା ନିର୍ବାଚନ ପାଇଁ ଉଭୟ ଶ୍ରୀମତୀ ସୀତାରମଣ ଓ ଶ୍ରୀ ରୁପାନୀ ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିଲେ । ବିଧାୟକ ଚନ୍ଦ୍ରକାନ୍ତ ପାଟିଲ ଓ ସୁଧୀର ମୋଗାନ୍ତିୱାର' ଶ୍ରୀ ଫଡନବିସଙ୍କ ନାମ ପ୍ରସ୍ତାବ ଦେଇଥିବା ବେଳେ ନବନିର୍ବାଚିତ ବିଧାୟକମାନେ ଏହାକୁ ସମର୍ଥନ କରିଥିଲେ ।

## ତେଲଙ୍ଗାନା ଭୂକମ୍ପ

ତେଲଙ୍ଗାନାର ଅନେକ ଅଞ୍ଚଳରେ ଆଜି ସକାଳେ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫ ଦଶମିକ ୩ ଥିବା ରେକର୍ଡ କରାଯାଇଛି । ଏହାର ପ୍ରଭାବ ତେଲଙ୍ଗାନାର ମୁଲୁଗୁ ସମେତ ହାଇଦ୍ରାବାଦ ଏବଂ ଆନ୍ଧ୍ରପ୍ରଦେଶର କେତେକ କେତେକ ଅଞ୍ଚଳରେ ଅନୁଭୂତ ହୋଇଥିବା ଜଣାପଡ଼ିଛି । ସକାଳ ୭ଟା ୨୭ ମିନିଟ୍‌ରେ ଭୂକମ୍ପ ହେବା ପରେ କରିମନଗର, ପେଡ୍ଡାପାଲି, ଜାମଗାଓଁ, ମହବୁବାବାଦ, ହନୁମାକୋଣ୍ଡା, ୱାରଙ୍ଗଲ ଏବଂ ଭଦ୍ରାଦ୍ରି କୋଠାଗୁଡେମ୍ ଅଞ୍ଚଳର ଲୋକମାନେ ଭୟରେ ଘରୁ ବାହାରି ଆସିଥିଲେ । ତେବେ କ୍ଷୟକ୍ଷତି ସଂକ୍ରାନ୍ତରେ ରିପୋର୍ଟ ହସ୍ତଗତ ହୋଇନାହିଁ ।

## ଇଣ୍ଡିଆ-କୋପ୍୧୬

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଜମି କ୍ଷୟ ଏବଂ ବାଧ୍ୟତାମୂଳକ ସ୍ଥାନାନ୍ତରର କୁ-ପ୍ରଭାବକୁ ପ୍ରତିହତ କରିବା ପାଇଁ ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି । ସାଉଦିଆରବ ରାଜଧାନୀ ରିଆଦରେ ମିଳିତ ଜାତିସଂଘର ମରୁଭୂମିକରଣ ମୁକାବିଲା ସମ୍ମିଳନୀ କପ୍-୧୬କୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ଯାଦବ ଏହା କହିଛନ୍ତି । ସେ କହିଛନ୍ତି, ସ୍ଥାନାନ୍ତର ଏକ ପୁରାତନ ପରିସ୍ଥିତି ହୋଇଥିଲେ ମଧ୍ୟ ଏଥିପାଇଁ ଉନ୍ନତ ସୁଯୋଗର ଆବଶ୍ୟକତା ରହିଛି । ଜୀବିକା ସନ୍ଧାନରେ ସ୍ଥାନାନ୍ତରର ଆବଶ୍ୟକତା ପଡ଼ିଥାଏ । ଜମିକ୍ଷୟ ଏବଂ ମରୁଡ଼ି ଯୋଗୁଁ ମାଟିର ଉତ୍ପାଦକତା ହ୍ରାସ ପାଇବା ସହିତ ଜୀବିକା ନଷ୍ଟ ହେଉଛି ବୋଲି ସେ ମତ ରଖିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୧୯ ପ୍ରତିଶ୍ରୁତି ଆଧାରରେ ଭାରତରେ ଭୂମି ଅବକ୍ଷୟ ରୋକିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୦୩୦ ସୁଦ୍ଧା ୨୬ ନିୟୁତ ହେକ୍ଟର ଜମିର ପୁନରୁଦ୍ଧାର ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଯାଦବ ସୂଚନା ଦେଇଛନ୍ତି । ଜଳାଶୟ ପୁନରୁଦ୍ଧାର ପାଇଁ ଅମୃତ ସରୋବର କାର୍ଯ୍ୟକ୍ରମ ଏବଂ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଆଦି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲାଗୁ କରାଯାଇଛି ବୋଲି ସେ କହିଛନ୍ତି ।

## କ୍ରିକେଟ୍

୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜିର ମ୍ୟାଚ୍ ଜିତିବା ପାଇଁ ୟୁନାଇଟେଡ୍ ଆରବ ଏମିରେଟସ୍ ଭାରତ ସମ୍ମୁଖରେ

୧୩୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଟସ୍ ଜିତି ୟୁନାଇଟେଡ୍ ଆରବ ଏମିରେଟ୍‌ସ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି କରିଥିଲା ।

ଗ୍ରୁପ୍-ଏ ପର୍ଯ୍ୟାୟର ଏହି ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ସାରଜା କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଉଛି । ୟୁଏଇ ୪୪ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୩୭ରନ୍ କରିବାକୁ ସକ୍ଷମ ହୋଇଛି । ଭାରତ ପକ୍ଷରୁ ଯୋଦ୍ଧାଜିତ୍ ଗୁହା ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି ।

ଗ୍ରୁପ୍-ଏର ତାଲିକା ସୂଚୀରେ ଭାରତ ଏ ପର୍ଯ୍ୟନ୍ତ ଦ୍ୱିତୀୟ ସ୍ଥାନରେ ରହିଛି । ଆଜିର ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟସ୍‌କୁ ପରାସ୍ତ କଲେ ଭାରତ ସେମିଫାଇନାଲ୍ ପର୍ଯ୍ୟାୟରେ ନିଜର ସ୍ଥାନ ପକ୍କା କରିପାରିବ ।

ଗ୍ରୁପ୍-ଏର ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ ଜାପାନ ମଧ୍ୟରେ ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍ ଠାରେ ମ୍ୟାଚ୍ ଖେଳାଯିବ ।

## ହକି

ପୁରୁଷ ହକି ଜୁନିୟର୍ ଏସିଆକପ୍ ୨୦୨୪ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆଜି ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଓମାନର ମାସ୍କଟ୍ ହକି ଷ୍ଟାଡିୟମ୍ ଠାରେ ଚାଲିଥିବା ଏହି ହକି ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ ମାଲେସିଆକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ଦିଲ୍‌ରାଜ ସିଂହ, ରୋହିତ ଏବଂ ସାରଦା ନନ୍ଦ ତିୱାରୀ ଗୋଟିଏ ଲେଖାଏଁ ଗୋଲ୍‌ସ୍କୋର କରିଥିଲେ । ଦ୍ୱିତୀୟ ସେମିଫାଇନାଲ୍‌ରେ ପାକିସ୍ତାନ

ଜାପାନ୍‌କୁ ୪-୨ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଖେଳାଯିବ ।